## ୧୮ ମଇ ୨୦୧୮ ଖୁତବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ବୟତୁଲ୍ ଫୁତୁହ୍, ଲଣ୍ଡନ

ଆମ ଅହେମଦିମାନଙ୍କର ଏହା ଏକ ବହୁତ ବଡ଼ କର୍ତବ୍ୟ କି ଆମେ ରୋଜାର ସତ୍ୟାସତ୍ୟକୁ ବୁଝି ଏହାର ଉଦ୍ଦେଶ୍ୟକୁ ହାସଲ କରିବାକୁ ଚେଷ୍ଟା କରିବା, ଯାହାକି ରମଜାନର ଉଦ୍ଦେଶ୍ୟ ଅଟେ ଅର୍ଥାତ ଧର୍ମପରାୟଣତା ଉତ୍ପନ୍ନ କରିବା ଏବଂ ସେଥିରେ ଉନ୍ନତି କରିବା ।

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ ସୁରେ ବକରାର ୧୮୪ ପଙ୍କ୍ତିଂ ପାଠ କଲେ ଓ ତାହାର ଅନୁବାଦ ଉପସ୍ଥାପନ କଲେ କି **ୟାଅୟୁହଲ୍ ଲଜିନା ଆମନୁ କୁତିବା ଅଲୈକୁମୁଶ୍ ଶିୟାମୁ କମା କୁତିବା ଅଲ୍ଲଲଯିନା ମିନ୍ କବ୍‌ଲିକୁମ୍ ଲାଅଲ୍ଲକୁମ୍ ତତ୍‌ତକୁନ୍** ଅର୍ଥାତ ହେ ଲୋକମାନେ ଯେ ବିଶ୍ୱାସ ଆଣିଛ ତୁମମାନଙ୍କ ଉପରେ ରୋଜା (ଉପବାସ) ସେହିପରି ଧାର୍ଯ୍ୟ କରାଯାଇଅଛି ଯେପରିକି ତୁମମାନଙ୍କ ପୂର୍ବରୁ ଲୋକମାନଙ୍କ ଉପରେ ଧାର୍ଯ୍ୟ କରାଯାଇଥିଲା ଯଦ୍ୱାରା ତୁମେ ଧର୍ମନିଷ୍ଠ ହେବ ।

ହଜୁର ଅନଓ୍ୱର ଅ.ବ କହିଲେ- ଅଲ୍ଲାଃଙ୍କ କୃପାରୁ ଆମେ ଆଉ ଏକ ରମଜାନ ପାଳନ କରିବାର ସୌଭାଗ୍ୟ ଅର୍ଜନ କରୁଅଛେ । ଏହି ମାସରେ ଅଧିକାଂଶ ମୁସଲମାନ ରୋଜା ରଖିବା ସହିତ ନମାଜ ଓ ତରାଓ୍ୱି ପାଠ କରିବା ନିମନ୍ତେ ମସଜିଦ୍ ଆସିଥାନ୍ତି ଏବଂ ଏଥିପ୍ରତି ଧ୍ୟାନ କେନ୍ଦ୍ରିତ ହୋଇଥାଏ । ଆମ ମସଜିଦ୍‌ରେ ମଧ୍ୟ ଏହି ଦିନମାନଙ୍କରେ ଅନ୍ୟ ଦିନମାନଙ୍କ ଅପେକ୍ଷା (ଲୋକଙ୍କ) ଉପସ୍ଥିତି ଅଧିକ ରହିଥାଏ । ଏହି ରୋଜା ଯାହାକି ଫରଜ୍ ଅଟେ ତାହାର ଉଦ୍ଦେଶ୍ୟ ଧର୍ମନିଷ୍ଠ ତାକୁ ଆପଣାଇବା ଅଟେ । ଇସଲାମ ଏକ ଚିରସ୍ଥାୟୀ ଧର୍ମ ଯାହାର ଶିକ୍ଷା ସଦାସର୍ବଦା ପାଇଁ ଅଟେ ଏବଂ କୁରଆନେ କରିମ୍ ସଂସାରର ପ୍ରତ୍ୟେକ କୋଣରେ ନିଜ ଅସଲ ଅବସ୍ଥାରେ ସୁରକ୍ଷିତ ରହିଛି ଏବଂ ଏହା ଧର୍ମନିଷ୍ଠ ମାର୍ଗରେ ପରିଚାଳିତ ଲୋକମାନଙ୍କ ନିମନ୍ତେ ପଥ ପ୍ରଦର୍ଶକ ଅଟେ ଏବଂ ଏହି ଅନ୍ତିମ ଯୁଗରେ ଆମର ସୁଧାର ଓ କୁରଆନ୍‌ର ପ୍ରକାଶ ନିମନ୍ତେ ଏବଂ ତଦନୁଯାୟୀ ଅମଲ କରିବା ତଥା ମାର୍ଗଦର୍ଶନ କରିବା ନିମନ୍ତେ ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କୁ ପ୍ରେରଣ କଲେ ଏବଂ ଆମ୍ଭକୁ ଆପଣଙ୍କୁ ସ୍ୱୀକାର କରିବାକୁ ଶକ୍ତି ପ୍ରଦାନ କଲେ । ସୁତରାଂ **ଆମ ଅହେମଦିମାନଙ୍କର ଏହା ବହୁତ ବଡ଼ କର୍ତବ୍ୟ କି ରୋଜାର ସତ୍ୟାସତ୍ୟକୁ ବୁଝି ତାହାର ଉଦ୍ଦେଶ୍ୟକୁ ହାସଲ କରିବାକୁ ଚେଷ୍ଟା କରିବା ଯାହାକି ରମଜାନର ଉଦ୍ଦେଶ୍ୟ ଅଟେ ଅର୍ଥାତ ନିଜ ଭିତରେ ଧର୍ମନିଷ୍ଠତା ଉତ୍ପନ୍ନ କରି ତଥା ସେଥିରେ ଉନ୍ନତି କରିବା** । ଅତଃ ରମଜାନରେ ଯେତେବେଳେ ଆମେ ଧର୍ମପରାୟଣ ହେବାକୁ ଚେଷ୍ଟା କରିଥାଉ କିମ୍ବା ଚେଷ୍ଟା କରିବା ତେବେ ଆମ୍ଭର ଉପାସନା ପ୍ରତି ମଧ୍ୟ ଧ୍ୟାନ କେନ୍ଦ୍ରିତ ହେବ । ଯଦି ଆମେ ଧର୍ମପରାୟଣ ହୋଇ ରୋଜା ରଖିବା ସେତେବେଳେ ଅପକର୍ମରୁ ନିବୃତ ରହିବା ପ୍ରତି ଧ୍ୟାନ ଆକର୍ଷିତ ହୋଇଥାଏ । ଅଲ୍ଲାଃଙ୍କ ଆଦେଶ ସମ୍ବନ୍ଧରେ ଅବଗତ ହେବା ପ୍ରତି ମନବଳାଇବ । ଯଦି ଆମେ ଅପକର୍ମରୁ ନିବୃତ ରହୁନାହେଁ ତେବେ ରୋଜା ରଖିବାର ଉଦ୍ଦେଶ୍ୟ ପୂରଣ ହେବ ନାହିଁ । ଯଦି ରୋଜା ରଖିବା ସତ୍ୱେ ଆମ ମଧ୍ୟରେ ଅହଂଭାବ ରହିଛି । ନିଜ କାମ ଓ ନିଜ କଥାରେ ଆମେ ଅଯଥା ଗର୍ବ କରୁଛେ, ସ୍ୱାର୍ଥ ପୂରଣର ଅଭ୍ୟାସ ରହିଛି, ଲୋକମାନଙ୍କଠାରୁ ନିଜର ବଡ଼ ପଣ ଶୁଣିବାର ଆଗ୍ରହ ରହିଛି, ନିଜ ଅଧିନସ୍ଥ କର୍ମଚାରୀଙ୍କଠାରୁ ନିଜର ଖୁସାମତ କରାଇବାକୁ ଆମେ ପସନ୍ଦ କରୁଅଛେ ଏବଂ ଯେ ଆମର ପ୍ରଶଂସା କରିଦିଏ ସେଥିରେ ଆମେ ଅତ୍ୟନ୍ତ ପ୍ରସନ୍ନିତ ହୋଇଯାଉ ଅବା ତାହାର ଇଚ୍ଛା ରଖୁଅଛେ ତେବେ ଏସବୁ ଧର୍ମନିଷ୍ଠତା ନୁହେଁ । ରୋଜାରେ ମାରପିଟ୍ କରୁଛେ, ଝଗଡ଼ା କରୁଛେ, ମିଥ୍ୟା କିମ୍ବା ବିଭ୍ରାଟରୁ ନିବୃତ ରହୁ ନାହେଁ ତେବେ ଏହା ଧର୍ମପରାୟଣତା ନୁହେଁ । ରୋଜାରେ ଉପାସନା, ଦୁଆ ଓ ଉତମକର୍ମ କରିବାରେ ସମୟ ଅତିବାହିତ କରୁନାହେଁ ତେବେ ଏହା ଧର୍ମପରାୟଣତା ନୁହେଁ ଏବଂ ଏଥିରେ ରୋଜାର ଉଦ୍ଦେଶ୍ୟ ପୂରଣ ହୋଇନଥାଏ । ଅତଃ ରମଜାନରେ ଅପକର୍ମକୁ ପରିହାର କରିବା ଏବଂ ଉତମକର୍ମ ସମ୍ପାଦନ କରିବାରେ ହିଁ ରୋଜାର ଉଦ୍ଦେଶ୍ୟ ପୂରଣ ହୋଇଥାଏ । ଯେତେବେଳେ ଜଣେ ଏଥିରେ ଦୃଢ ଭାବରେ ପ୍ରତିଷ୍ଠିତ ରହିବାକୁ ଚେଷ୍ଟା କରେ ସେତେବେଳେ ସେ ପ୍ରକୃତରେ ରୋଜାର ଉଦ୍ଦେଶ୍ୟ ଲାଭ କରିଥାଏ ନଚେତ୍ ତାହାର ରୋଜା ରଖିବା କେବଳ ଭୋକିଲା ରହିବା ଅଟେ । ହଜରତ ମହମ୍ମଦ ସ. ଆ କହିଛନ୍ତି କି ତୁମର ଭୋକିଲା ରହିବାରେ ଅଲ୍ଲାଃତାଲାଙ୍କର କୌଣସି ଯାଆସ ନାହିଁ, ଯେପର୍ଯ୍ୟନ୍ତ ତୁମେ ଉକ୍ତ ଉଦ୍ଦେଶ୍ୟ ହାସଲ କରିନାହଁ । ଅନେକ ଲୋକ ରୋଜା ନାମରେ ଛଳନା କରିଥାନ୍ତି ଏବଂ ଉପାସ ନକରି ପ୍ରକାଶ କରିଥାନ୍ତି କି ଆମେ ରୋଜା ରଖିଛୁ କିନ୍ତୁ ପ୍ରକୃତରେ ସେମାନେ ରୋଜା ରଖିନଥାନ୍ତି । ଏମାନେ ଏପରି ଲୋକ ଅଟନ୍ତି ଯେଉଁମାନଙ୍କୁ ନିଜ ଖାଇବା ପିଇବାରେ ମଧ୍ୟ ନିୟନ୍ତ୍ରଣ ନଥାଏ । ଯେ ଅଲ୍ଲାଃଙ୍କ ଖାତିର ନିଜକୁ କିଛି ଘଣ୍ଟା ଖାଇବାପିଇବାରୁ ନିବୃତ ରଖିପାରିନଥାନ୍ତି ଏବଂ କେତେକ ଯଦି ଦିନସାରା ଉପବାସ କରିନେଇଥାନ୍ତି ତେବେ ଯେପରି ନମାଜ ଓ ଉପାସନା ପ୍ରତି ଧ୍ୟାନ ଦେବା ଉଚିତ୍ ସେହିପରି ସେମାନଙ୍କର (ଧ୍ୟାନ) ନଥାଏ । ଦିନକରେ ମାତ୍ର ଥରେ ଅଧେ ନମାଜ ପାଠ କରି ନେଇଥାନ୍ତି । ଅଲ୍ଲାଃତାଲାଙ୍କ ବୈଦ୍ଧ ଓ ଅବୈଦ୍ଧ

ଆଦେଶ ପ୍ରତି ସେମାନଙ୍କର ଧ୍ୟାନ ନଥାଏ । ଏପରି ରୋଜା ପୁଣି ସେହି ଉଦ୍ଦେଶ୍ୟକୁ ପୂରଣ କରିନଥାଏ ଯେପରିକି ଅଲ୍ଲାଃତାଲା କହିଛନ୍ତି ତୁମେ ଧର୍ମନିଷ୍ଠ ହୁଅ । ଅତଃ ଆମ ଅହେମଦିମାନଙ୍କର ଏହା ଏକ ବହୁତ ବଡ଼ କର୍ତବ୍ୟ କି ଆମେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିବା ପରେ ନିଜ ରୋଜାର ଏଭଳି କର୍ତବ୍ୟ ସମ୍ପାଦନ କରିବାକୁ ଚେଷ୍ଟା କରିବା ଯେଭଳି ତାହାର କର୍ତବ୍ୟ ସମ୍ପାଦନ କରିବାର ଅଲ୍ଲାଃ ନିର୍ଦ୍ଦେଶ ଦେଇଛନ୍ତି । ଏହା ବୁଝିବାକୁ ଚେଷ୍ଟା କରନ୍ତୁ କି ଧର୍ମନିଷ୍ଠ ଅର୍ଥ କ'ଣ ଏବଂ ଆମ୍ଭେ ତାହାକୁ କିଭଳି ସମ୍ପାଦନ କରିବା । ହଜରତ ମସିହ ମଉଦ ଆ.ସ ବିଭିନ୍ନ ସ୍ଥାନରେ ଧର୍ମନିଷ୍ଠତା ସମ୍ବନ୍ଧରେ ଆମକୁ ଶିକ୍ଷା ଦେଇଛନ୍ତି କି ଧର୍ମନିଷ୍ଠ କିଏ । ପ୍ରକୃତ ଶାନ୍ତି ଓ ସୁଖ ଧର୍ମପରାୟଣ ହେଲେଯାଇ ହାସଲ ହୋଇଥାଏ ନା କି ସାଂସାରିକ ସୁଖ ସୌହାଦ୍ୟରେ ଶାନ୍ତି ଲାଭ ହୁଏ । ମଣିଷକୁ ପ୍ରକୃତ ମୋମିନ୍ ହେବାକୁ ହେଲେ ନିଜର ପ୍ରତ୍ୟେକ କାର୍ଯ୍ୟ ଅଲ୍ଲାଃତାଲାଙ୍କ ଇଚ୍ଛା ଓ ତାଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ କରିବାକୁ ହେବା ଏବଂ ଏହା ହିଁ ଜଣେ ମୋମିନ୍ ଓ ଅମାନ୍ୟକାରୀ ମଧ୍ୟରେ ଫରକ୍ କରିଥାଏ । ହଜୁର ଆ.ସ ଆମକୁ ଏହା ମଧ୍ୟ କହିଲେ କି ମଣିଷକୁ ଆବଶ୍ୟକ କି ଅଲ୍ଲାଃତାଲାଙ୍କୁ ଚିହ୍ନିବାରେ ଉନ୍ନତି କରିବା ଉଚିତ୍ । ପ୍ରତ୍ୟେକ ଉଇଁଲା ସୂର୍ଯ୍ୟ ଆମକୁ ଅଲ୍ଲାଃତାଲାଙ୍କୁ ଚିହ୍ନିବାରେ ଆଗକୁ ବଢାଇବା ଉଚିତ୍ । ବର୍ତମାନ ମୁଁ ଧର୍ମନିଷ୍ଠତା ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସଙ୍କ ବିଭିନ୍ନ ତଥ୍ୟ ଉପସ୍ଥାପନ କରିବାକୁ ଯାଉଛି । ହଜୁର ଆ.ସ କୁହନ୍ତି– ମୋତେ ଅନେକ ଥର ଅଲ୍ଲାଃଙ୍କ ତରଫରୁ ଐଶ୍ୱରିକବାଣୀ ହୋଇଛି କି ତୁମେମାନେ ଧର୍ମନିଷ୍ଠ ହୋଇଯାଅ ଏବଂ ଧର୍ମନିଷ୍ଠତାର ସୂକ୍ଷ୍ମ ମାର୍ଗର ପଥିକ ସାଜ ତେବେ ଅଲ୍ଲାଃତାଲା ତୁମ ସାଥିରେ ରହିବେ । ଆପଣ କୁହନ୍ତି ମୋ ହୃଦୟରେ ପ୍ରବଳ ପିଡ଼ା ସୃଷ୍ଟି ହେଉଅଛି କି ମୁଁ କ'ଣ କରିବି ଯଦ୍ୱାରା ଆମ ଜମାଅତ ପ୍ରକୃତ ଧର୍ମନିଷ୍ଠ ଓ ପବିତ୍ରତା ହାସଲ କରିନେବେ । ଆପଣ କୁହନ୍ତି କି ମୁଁ ଏତେ ଦୁଆ କରୁଅଛି କି ଦୁଆ କରି କରି ଦୁର୍ବଳ ଅନୁଭବ କରୁଅଛି ଏବଂ କେତେକ ସମୟରେ ମୁଁ ଅଚେତ ହେବା ସହ ମୋର ଅବସ୍ଥା ମୃତ ପ୍ରାୟ ହୋଇଯାଉଛି । **ଆପଣ କୁହନ୍ତି ଯେପର୍ଯ୍ୟନ୍ତ କୌଣସି ଜମାଅତ ଧର୍ମନିଷ୍ଠ ହୋଇନାହିଁ ତାହାକୁ ଅଲ୍ଲାଃତାଲାଙ୍କ ସାହାଯ୍ୟ ସହଯୋଗ ହାସଲ ହୋଇନଥାଏ । ମନେରଖ ପ୍ରତ୍ୟେକ ଧର୍ମଗ୍ରନ୍ଥ ତୌରାତ ଓ ଇନଜିଲ୍ ଶିକ୍ଷାର ସାରମର୍ମ ଏହି ଧର୍ମପରାୟଣ ହେବା ଅଟେ** । କୁରଆନ୍ କରିମ୍ ଗୋଟିଏ ଶବ୍ଦରେ ଅଲ୍ଲାଃତାଲାଙ୍କ ଶ୍ରେଷ୍ଠତା ଓ ପ୍ରୀତିଭାଜନର ପରିପ୍ରକାଶ କରିଦେଲା ଅର୍ଥାତ ଧର୍ମନିଷ୍ଠ ଶବ୍ଦରେ । ଆପଣ କୁହନ୍ତି ମୁଁ ଏହି ଚିନ୍ତା କରୁଅଛି କି ନିଜ ଜମାଅତରେ ପ୍ରକୃତ ଧର୍ମନିଷ୍ଠ, ଧର୍ମକୁ ସଂସାର ଉପରେ ପ୍ରାର୍ଥମିକତା ଦେଉଥିବା ଓ ଅଲ୍ଲାଃଙ୍କ ପ୍ରେମିମାନଙ୍କୁ ଅଲଗା କରିଦେବି ଏବଂ କେତେକ ଧାର୍ମିକ କାର୍ଯ୍ୟ ସେମାନଙ୍କ ଉପରେ ନ୍ୟସ୍ତ କରିଦେଇ ସଂସାର ପ୍ରେମି ଓ ସେଥିରେ ମଗ୍ନ ରହୁଥିବା ଓ ଦିବାରାତ୍ର ସଂସାର କାମନାରେ ନିଜ ଜୀବନ ଉତ୍ସର୍ଗ କରି ବସିଥିବା ଲୋକମାନଙ୍କର ତିଳେ ମାତ୍ର ଖାତିର କରିବି ନାହିଁ ।

ଅତଏବ ହଜୁର ଆ.ସଙ୍କ ହୃଦୟର ବେଦନା ଥିଲା କି ମୋ ଜମାଅତର ପ୍ରତ୍ୟେକ ସଦସ୍ୟ ଧର୍ମନିଷ୍ଠ ମାର୍ଗରେ ପ୍ରରିଚାଳିତ ହୁଅନ୍ତୁ ନା କି କେବଳ ସଂସାର ଚିନ୍ତାରେ ମଗ୍ନ ହୋଇ ତାହାକୁ ପ୍ରତି ମୁହୂର୍ତରେ ଘାରୁଥାନ୍ତୁ । ପୁଣି ଏଥିପ୍ରତି ଧ୍ୟାନ ଆକର୍ଷିତ କରି କି ଧର୍ମନିଷ୍ଠତା ମାର୍ଗରେ ପ୍ରରିଚାଳିତ ହେବା ହିଁ ଅସଲରେ ଶରିୟତ୍ର ସାରାଂଶ ଅଟେ ଏବଂ **ଯଦି (ତୁମେ ନିଜ) ଦୁଆ ସ୍ୱୀକାର ହେବା ଦେଖିବାକୁ ଚାହୁଁଅଛ ତେବେ ଧର୍ମପରାୟଣ ହୁଅ ।**

ହଜୁର ଆ.ସ ଅହେମଦିମାନଙ୍କୁ କୁହନ୍ତି କି ତୁମେମାନେ ଧର୍ମନିଷ୍ଠ ହୁଅ କାରଣ ଧର୍ମନିଷ୍ଠତା ଏକ ଏପରି କଥା ଯାହାକୁ ଶରିୟତ୍ର ସାରାଂଶ କୁହାଯାଇପାରେ । ଯଦି ସଂକ୍ଷିପ୍ତ ରୂପେ (ସମ୍ପୂର୍ଣ୍ଣ) ଶରିୟତ୍କୁ ଦର୍ଶାଯାଏ ତେବେ ଶରିୟତ୍ର ମଞ୍ଜି ଧର୍ମନିଷ୍ଠତା ହୋଇପାରେ । *ଧର୍ମନିଷ୍ଠତାର ଅନେକ ସ୍ତର ଓ ପର୍ଯ୍ୟାୟ ରହିଛି କିନ୍ତୁ ଯଦି ନିଷ୍ପାପର ଭାବରେ ପ୍ରାରମ୍ଭରୁ ଉକ୍ତ ସ୍ତର ଓ ପର୍ଯ୍ୟାୟକୁ ଅତିକ୍ରମ କରାଯାଏ ତେବେ ଏପରି ବ୍ୟକ୍ତି ତାହାର ସର୍ବୋଚ୍ଚ ସ୍ତରରେ ପହଂଚି ଯାଇଥାଏ ।* ହଜୁର ଆ.ସ କୁହନ୍ତି ଅଲ୍ଲାଃତାଲା ଦର୍ଶାଇଛନ୍ତି **ଇନ୍ନମା ୟତକବ୍‌ବଲୁଲ୍ ଲାହୁ ମିନଲ୍ ମୁତ୍ତକିନ୍** ଅର୍ଥାତ ଅଲ୍ଲାଃତାଲା ଧର୍ମନିଷ୍ଠମାନଙ୍କ ଦୁଆ ସ୍ୱୀକାର କରିଥାନ୍ତି, ଏହା ତାଙ୍କର ପ୍ରତିଶୃତି ଅଟେ ଏବଂ ସେ ନିଜ ପ୍ରତିଶୃତି ଭଙ୍ଗ କରିନଥାନ୍ତି ଯେପରିକି ସେ କୁହନ୍ତି **ଇନ୍ନଲ୍ ଲାହା ଲା ୟୁଖ୍‌ଲିଫୁଲ୍ ମିଆଦ୍** ଅତଃ ଯେଉଁ ଅବସ୍ଥାରେ ଦୁଆ ସ୍ୱୀକାର ହେବା ନିମନ୍ତେ ଧର୍ମନିଷ୍ଠ ହେବା ଅବାଂଛିତ ତଥା ମୂଳ ସର୍ତ ଅଟେ । ଯାହାକୁ ଅଲଗା କରାଯାଇ ନପାରେ ତେବେ ଜଣେ ମଣିଷ ଅନ୍ୟମନସ୍କ ଓ ପଥଚ୍ୟୁତ ହୋଇ ଦୁଆ ଯଦି ଦୁଆ ସ୍ୱୀକାର ହେବା କାମନା କରେ ତେବେ କ'ଣ ସେ ମୁର୍ଖ ଓ ପାଗଳ ନୁହେଁ । ତେଣୁ ଆମ ଜମାଅତ ପାଇଁ ଅନିବାର୍ଯ୍ୟ କି ଯେଉଁପର୍ଯ୍ୟନ୍ତ ସମ୍ଭବ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଧର୍ମନିଷ୍ଠତା ମାର୍ଗର ପଥିକ ହୁଅନ୍ତୁ ଯଦ୍ୱାରା ଦୁଆ ସ୍ୱୀକାର ହେବାର ସର୍ତ ପୂରଣ କରିବା ସହିତ (ପ୍ରକୃତ) ସୁଖ ହାସଲ କରିବେ ତଥା ସେମାନଙ୍କ ବିଶ୍ୱାସରେ ଅଭିବୃଦ୍ଧି ଘଟିବ ।

ହଜୁର ଅନଓ୍ୱର ଅ.ବ କହିଲେ– ଅତଃ ରମଜାନରୁ ଉପକୃତ ହେବାର ଏହା ମୂଳମନ୍ତ୍ର କି ଆମର ରୋଜା ଓ ପ୍ରତ୍ୟେକ ଅମଲରେ ଧର୍ମନିଷ୍ଠ ହେବା ଉଦ୍ଦେଶ୍ୟ ରହିବା ଉଚିତ୍ । ଅନେକ ଲୋକ କହିଥାନ୍ତି କି ଆମେ ବହୁତ ଦୁଆ କଲୁ କିନ୍ତୁ ଆମ ଦୁଆ ସ୍ୱୀକାର ହେଲା ନାହିଁ । ସେମାନଙ୍କୁ ପ୍ରଥମେ ନିଜ ଅନ୍ତରକୁ ଦେଖିନେବା ଆବଶ୍ୟକ କି କ'ଣ ସେମାନଙ୍କ ମଧ୍ୟରେ ଧାର୍ମିକ ଭାବନା ବିଦ୍ୟମାନ ? କ'ଣ ସେମାନେ

ଧର୍ମନିଷ୍ଠ ଅଟନ୍ତି ? କିମ୍ବା ସେମାନଙ୍କ ସାଂସାରିକ କାମନା ଉର୍ଦ୍ଧ୍ୱରେ ରହିଛି ? ଅତଏବ ଦୁଆ ସ୍ୱୀକାର ହେବା ନିମନ୍ତେ ଧର୍ମନିଷ୍ଠ ହେବା ସର୍ତ ଅଟେ । ହଜୁର ଆ.ସ ଆହୁରି କୁହନ୍ତି- ***ପ୍ରକୃତରେ ଧର୍ମନିଷ୍ଠମାନଙ୍କ ନିମନ୍ତେ ବଡ଼ ବଡ଼ ପ୍ରତିଶ୍ରୁତି ରହିଛି ଏହାଠୁ ଅଧିକ ଆଉ କ'ଣ (ପୁରସ୍କାର) ହୋଇପାରେ କି ଅଲ୍ଲାଃ ଧର୍ମନିଷ୍ଠମାନଙ୍କର ସାଥି ଅଟନ୍ତି*** ।

ଅଲ୍ଲାଃତାଲା କୁହନ୍ତି **ୱ୍ଵମଇଁ ୟତ୍‌ତକିଲ୍ଲାହା ୟୟ୍‌ଅଲ୍‌ଲହୁ ମଖ୍‌ରଜଉଁ ୱ୍ ୟର୍‌ୟୁକ୍‌ହୁ ମିନ୍ ହୈସୁ ଲା ୟହ୍‌ତସିବ୍** ଅଲ୍ଲାଃତାଲା ଧର୍ମନିଷ୍ଠମାନଙ୍କ ପାଇଁ ପ୍ରତ୍ୟେକ ଅସୁବିଧାରୁ ମୁକୁଳିବା ନିମନ୍ତେ ରାସ୍ତା ତିଆରୀ କରିଦେଇଥାନ୍ତି ଏବଂ ଶୂନ୍ୟରୁ ତାହା ପାଇଁ ମୁକୁଳିବାର ରାସ୍ତା ସମତୁଳ କରିଦେଇଥାନ୍ତି । ତାହାର ଆବଶ୍ୟକତା ଏଭଳି ମାର୍ଗରୁ ପୂରଣ କରିଥାନ୍ତି ଯାହାର ସେ କଳନା ମଧ୍ୟ କରିନଥାଏ ।

ହଜୁର ଅନଓ୍ଵର ଅ.ବ କହିଲେ- ସୁତରାଂ ଏହି ଦୁଆକୁ ମନେରଖି ବହୁ (ଦୁଆ) କରିବା ଆବଶ୍ୟକ । ସର୍ବଦା ମନେରଖିଲେ ଧର୍ମନିଷ୍ଠ ମାର୍ଗରେ ପ୍ରଚଳିତ ହେବା ପ୍ରତି ଧ୍ୟାନ ରହିବ । ହଜରତ ମସିହ ମଉଦ ଆ.ସ କୁହନ୍ତି- ସଂସାରରେ ମଣିଷର ବଡ଼ରୁ ବଡ଼ କାମନା ରହିଥାଏ କି ତାହାକୁ କିଭଳି ସୁଖ ଓ ଶାନ୍ତି ଲାଭ ହେବ ସେଥିପାଇଁ ଅଲ୍ଲାଃତାଲା ଗୋଟିଏ ମାର୍ଗ ଦର୍ଶାଇଛନ୍ତି ଯାହାକି ଧର୍ମନିଷ୍ଠତାର ମାର୍ଗ ଅଟେ । ଅନ୍ୟଅର୍ଥରେ ତାହା କୁରଆନ୍‌ର ମାର୍ଗ ଅଟେ ଅବା ତାହାର ନାମ **ସିରାତେ ମୁସ୍ତକିମ୍** (ସିଧା ରାସ୍ତା) ଅଟେ । କେହି ଏପରି କହିପାରିବେ ନାହିଁ କି ଅମାନ୍ୟକାରୀଙ୍କ ନିକଟରେ ମଧ୍ୟ ଧନସମ୍ପତି ରହିଛି ଏବଂ ସେମାନେ ସେଥିମାଧ୍ୟମରେ ବିଳାସମୟ ଜୀବନ ଅତିବାହିତ କରି (ସୁଖ ଶାନ୍ତିରେ) ଅଛନ୍ତି । ହଜୁର ଆ.ସ କୁହନ୍ତି **ମୁଁ ତୁମକୁ ସତ କହୁଅଛି ସେମାନେ ନିର୍ଯ୍ୟାତିତ ସଂସାରୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ନଜରରେ ଆନନ୍ଦିତ ଦେଖାଯାଇପାରନ୍ତି କିନ୍ତୁ ପ୍ରକୃତରେ ସେମାନେ ଏକ ଜ୍ୱଳନ୍ତ ଓ ଦୁଃଖର ପୀଡ଼ାରେ ଆବଦ୍ଧ ରହିଥାନ୍ତି** । ତୁମେ ସେମାନଙ୍କ ମୁଖ ଦେଖୁଅଛ କିନ୍ତୁ ମୁଁ ସେମାନଙ୍କ ହୃଦୟକୁ ଦେଖୁଅଛି ସେମାନେ ନର୍କର କଏଦିଙ୍କ ପରି ଶିକୁଳି ଓ ବେଡ଼ିରେ ଆବଦ୍ଧ । ଯେପରିକି ଅଲ୍ଲାଃ କୁହନ୍ତି **ଇନ୍ନା ଆତଦ୍‌ନା ଲିଲ୍ କାଫିରିନା ସଲାସିଲା ୱ୍ ଅଗ୍‌ଲାଲଉଁ ୱ୍ ସୟିରା** ଅର୍ଥାତ ଆମେ ଅବିଶ୍ୱାସକାରୀଙ୍କ ସକାଶେ ଶିକୁଳି, ଗଳାବନ୍ଧନ ଓ ନର୍କ ପ୍ରସ୍ତୁତ କରିଅଛୁ । ଧର୍ମନିଷ୍ଠ ବ୍ୟକ୍ତି ପ୍ରକୃତ ଆନନ୍ଦ ଗୋଟିଏ ଛପର ଘରେ ହାସଲ କରିପାରେ ଯାହାକି ଜଣେ ସଂସାରୀ ଓ ଈର୍ଷାପରାୟଣ ବ୍ୟକ୍ତିକୁ ଉଚ୍ଚ ଅଟ୍ଟାଳିକାରେ ମଧ୍ୟ ମିଳିନଥାଏ ।

ହଜୁର ଅନଓ୍ଵର ଅ.ବ କହିଲେ- *ଅଳ୍ପକେ ସନ୍ତୁଷ୍ଟ ରହିବା, ଧର୍ମନିଷ୍ଠ ହେବା, ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ଉଦ୍ଦେଶ୍ୟ ରଖିଲେ ମଣିଷ ଅଳ୍ପରେ ଜୀବନ ଅତିବାହିତ କରିବାରେ ସକ୍ଷମ ହୋଇଥାଏ ଏବଂ ଶାନ୍ତି ଓ ତୃପ୍ତି ଲାଭ କରିଥାଏ । ଯେତେବେଳେ କି ବଡ଼ ବଡ଼ ଧନିକମାନଙ୍କୁ ମଧ୍ୟ ସୁଖ ପ୍ରାପ୍ତ ହୋଇନଥାଏ* । ଆପଣ କୁହନ୍ତି (ମଣିଷ) ଯେଭଳି ସଂସାରରେ ଅଧିକ ଉନ୍ନତି କରିଥାଏ ସେହିପରି ଅସୁବିଧାର ସମ୍ମୁଖୀନ ହୋଇଥାଏ । ଅତଃ ମନେରଖ ପ୍ରକୃତ ଶାନ୍ତି ଓ ତୃପ୍ତି ଜଣେ ସଂସାରିକୁ ହାସଲ ହୋଇନଥାଏ । **ଏପରି ମଣ ନାହିଁ କି ଅତ୍ୟଧିକ ସୌଖିନ ଜିନିଷ ଓ ସ୍ୱାଦିଷ୍ଟ ବ୍ୟଞ୍ଜନରେ ସୁଖ ପ୍ରାପ୍ତ ହୋଇଥାଏ** । କଦାପି ନୁହେଁ ବରଂ ତାହାର ଲକ୍ଷ ଧର୍ମନିଷ୍ଠ ସହ ସଂଶ୍ଳିଷ୍ଟ ଏସମସ୍ତ ତଥ୍ୟାରୁ ଆମେ ଉପନିତ ହେଲୁ ଯେ ପ୍ରକୃତ ଧର୍ମନିଷ୍ଠତା ବ୍ୟତୀତ କୌଣସି ପ୍ରକାରର ଶାନ୍ତି ଓ ସୁଖ ମିଳି ହିଁ ପାରିବ ନାହିଁ ତେବେ ଜାଣିବା ଉଚିତ୍ ଯେ ଧର୍ମନିଷ୍ଠର ଅନେକ ଶାଖା ରହିଛି ଯାହାକି ବୁଢିଆଣିର ଜାଲ ପରି ପସରା ମେଲାଇ ବସିଛି । ଧର୍ମନିଷ୍ଠ ମଣିଷର ସମସ୍ତ ଅଙ୍ଗପ୍ରତଙ୍ଗ, ଭାଷା ତଥା ଆସ୍ଥା ଆଦି ସହ ସମ୍ବନ୍ଧିତ । ହଜୁର ଅନଓ୍ଵର ଅ.ବ ଏହାକୁ ବ୍ୟାଖ୍ୟା କରି କହିଲେ- ନିଜ ଆସ୍ଥା, ଭାଷା, ଚରିତ୍ର (କାର୍ଯ୍ୟକଳାପ) ଆଦିରେ ମଧ୍ୟ ଧର୍ମନିଷ୍ଠତା ରହିବା ଆବଶ୍ୟକ ।

ହଜୁର ଅନଓ୍ଵର ଅ.ବ କହିଲେ- ଅତଃ କେବଳ ନିଜ ବଚନ ଦ୍ୱାରା ଅନ୍ୟକୁ କଷ୍ଟ ଦେବାକୁ ବାରଣ କରାଯାଇ ନାହିଁ ବରଂ ସ୍ୱାର୍ଥପର ଓ ଲୋକଦେଖାଣିଆ କାର୍ଯ୍ୟରୁ ମଧ୍ୟ ବାରଣ କରାଯାଇଛି, ଯାହାକି (ମଣିଷକୁ) ପୁଣ୍ୟକର୍ମ ଓ ଧର୍ମପରାୟଣ ହେବାରୁ ଦୂରେଇ ଦେଇଥାଏ । ହଜୁର ଆ.ସ କୁହନ୍ତି ଦେଖ ଅଲ୍ଲାଃତାଲା **ଇୟାକାନାବୁଦୁ**ର ଶିକ୍ଷା ଦେଇଛନ୍ତି । ତେବେ କ'ଣ ସମ୍ଭବ ଥିଲା କି ମଣିଷ ନିଜ ସାମର୍ଥ୍ୟ ଉପରେ ଭରଷା କରି ଅଲ୍ଲାଃଙ୍କଠାରୁ ଦୂରେଇ ଯାଇଥାନ୍ତା କିନ୍ତୁ ସଙ୍ଗେସଙ୍ଗେ କହିଦେଲେ କି **ଇୟାକାନସ୍‌ତଇନ୍** ଏପରି ମଣ ନାହିଁ କି ଯେଉଁ ଉପାସନା ମୁଁ ସମ୍ପାଦନ କରୁଅଛି ତାହା ମୁଁ ନିଜ ଶକ୍ତି ଓ ସାମର୍ଥ୍ୟ ବଳରେ କରୁଅଛି କଦାପି ନୁହେଁ ବରଂ ଅଲ୍ଲାଃତାଲାଙ୍କ ସାହାଯ୍ୟ ଯେପର୍ଯ୍ୟନ୍ତ ହାସଲ ହୋଇ ନାହିଁ ଏବଂ ଯେପର୍ଯ୍ୟନ୍ତ ସେହି ପବିତ୍ର ହସ୍ତି ମୋତେ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରି ନାହାନ୍ତି କୌଣସି କାର୍ଯ୍ୟ କରିବା ମୋ ପକ୍ଷେ ସମ୍ଭବପର ନୁହେଁ । ଆପଣ କୁହନ୍ତି ମଣିଷ ନିଜ କଥା ଦ୍ୱାରା ଧର୍ମନିଷ୍ଠତାର ମାର୍ଗରୁ ଦୂରକୁ ଚାଲିଯାଇଥାଏ । ହଦିସ ଶରିଫ୍‌ରେ ବର୍ଣ୍ଣିତ ଅଛି ଯେଉଁ ବ୍ୟକ୍ତି ନିଜ ଗୁପ୍ତାଙ୍ଗ ଓ ଜିଭକୁ ଅପକର୍ମରୁ ରକ୍ଷା କରିଥାଏ ତାହାର ବୈକୁଣ୍ଠ ପ୍ରାପ୍ତ କରିବାର ମୁଁ ଜାମିନ୍ ଅଟେ । ଆପଣ କୁହନ୍ତି ତୁମେ ନିଜ କଥନ ଉପରେ ପୂର୍ଣ୍ଣ ଆଧିପତ୍ୟ ରଖ ନା କି ତାହା ତୁମ ଉପରେ ନିଜର ଆଦେଶ ଚଳାଉ ଏବଂ ଅଯଥା କଥା କୁହ ନାହିଁ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଅସଲ କଥା ଏହି କି ଯେ, ଯେତେବେଳେ ମଣିଷ (ନିଜ) କାମନା ପରିହାର କରି ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କରେ ସେତେବେଳେ ତାହାର କୌଣସି କାର୍ଯ୍ୟ ନିରର୍ଥକ ହୋଇନଥାଏ । ବରଂ ପ୍ରତ୍ୟେକ କାର୍ଯ୍ୟ ଅଲ୍ଲାଃଙ୍କ ଇଚ୍ଛା

ମୁତାବକ ହୋଇଥାଏ । ଯେଉଁସ୍ଥଳେ ଲୋକେ ପରୀକ୍ଷାରେ ପଡ଼ିଥାନ୍ତି ସେଠାରେ ତାହା ସର୍ବଦା ଅଲ୍ଲାଃଙ୍କ ଇଚ୍ଛା ମୁତାବକ ହୋଇନଥାଏ । ଏପରି ବ୍ୟକ୍ତି ନିଜ କାମନାର ଅନୁଗାମୀ ହୋଇଥାଏ ଉଦାହରଣସ୍ୱରୂପ ଉତ୍ୟକ୍ତ ହୋଇ ଏପରି କୌଣସି କାର୍ଯ୍ୟ କରିବସେ ଯଦ୍ୱାରା ମୁକଦ୍ଦମା ହୋଇଥାଏ, ଫୌଜଦାରୀ ମକଦ୍ଦମା କିନ୍ତୁ ଯଦି କେହି ଏହା ନିଶ୍ଚୟ କରିନିଏ କି ଅଲ୍ଲାଃଙ୍କ ଶିକ୍ଷା ମୁତାବକ କାର୍ଯ୍ୟ କରିବି ତେବେ ନିଶ୍ଚିତ ରୂପେ ଅଲ୍ଲାଃଙ୍କ ପୁସ୍ତକ ତାହାକୁ ପରାମର୍ଶ ଦେଇଥାଏ ।

ପୁଣି ଆମକୁ ନିଜ ଜୀବନ ଗରିବ ଓ ଅଭାବି ଲୋକଙ୍କ ପରି ଅତିବାହିତ କରିବାର ପରାମର୍ଶ ଦେଇ ହଜୁର ଆ.ସ କୁହନ୍ତି ଧର୍ମନିଷ୍ଠଙ୍କ ପାଇଁ ସର୍ତ ଏହି କି ଯେ, ନିଜ ଜୀବନ ଗରିବ ଓ ଅଭାବି ଲୋକଙ୍କ ପରି ଅତିବାହିତ କରନ୍ତୁ ଏହା ଧର୍ମନିଷ୍ଠତାର ଏକ ଶାଖା ଅଟେ । ଯାହା ମାଧ୍ୟମରେ ଆମକୁ ଅଯଥା ତିକ୍ତତାର ସମ୍ମୁଖୀନ ହେବାକୁ ପଡ଼େ । ବଡ଼ ବଡ଼ ଜ୍ଞାନି ଓ ସାଧୁସନ୍ଥ ତଥା ସତ୍ୟବାଦୀଙ୍କ ପାଇଁ ଅନ୍ତିମ ଓ କଷ୍ଟକର ପରୀକ୍ଷା କ୍ରୋଧରୁ ମୁକ୍ତି ପାଇବା ଅଟେ । ଅହଂକାର ଉତ୍ୟକ୍ତ ହେବାରୁ ଜାତ ହୋଇଥାଏ । ମୁଁ ଚାହୁଁ ନାହିଁ କି ମୋ ମାନ୍ୟକାରୀମାନେ ପରସ୍ପରକୁ ଛୋଟ କିମ୍ବା ବଡ଼ ମଣନ୍ତୁ ଅବା ପରସ୍ପରକୁ ଗର୍ବ ଅବା ନ୍ୟୂନ ଦୃଷ୍ଟିରେ ଦେଖନ୍ତୁ । ଅଲ୍ଲାଃ ଜାଣନ୍ତି ବଡ଼ କିଏ ଓ ଛୋଟ କିଏ, ଏହା ଏକ ପ୍ରକାର ନିଚ୍ଚମନା ଅଟେ । ତୁମେ ପରସ୍ପରକୁ ଚିଡ଼ିକରି ଡ଼ାକ ନାହିଁ ଏହା ଚୋରଖଣ୍ଟଙ୍କର କାର୍ଯ୍ୟ ଅଟେ । **ଯେ କାହାରିକୁ ଚିଡ଼ାଏ ସେ ମୃତ୍ୟୁବରଣ କରିନଥାଏ ଯେପର୍ଯ୍ୟନ୍ତ କି ସେ ସ୍ୱୟଂ ସେହିଥିରେ ପଡ଼ିନଥାଏ ।** ନିଜ ଭାଇମାନଙ୍କୁ ନିଚ୍ଚ ମଣ ନାହିଁ ଯେତେବେଳେ ସମସ୍ତେ ଗୋଟିଏ ଘାଟରୁ ଜଳପାନ କରୁଅଛ ତେବେ କିଏ ଜାଣେ କାହା ଭାଗ୍ୟରେ ଅଧିକ ଜଳ (ପାନ) କରିବା ଲେଖାଅଛି । ସମ୍ମାନନୀୟ ଓ ଆଦରଣୀୟ କେହି ସାଂସାରିକ ନିୟମ ଦ୍ୱାରା ହୋଇନଥାଏ । ଅଲ୍ଲାଃଙ୍କ ନିକଟରେ ବଡ଼ ସେ ଯେ ଧର୍ମପରାୟଣ ଅଟେ । **ଇନ୍ନା ଅକ୍‌ରମକୁମ୍ ଇନ୍‌ଦଲ୍ ଲାହି ଅତ୍‌କାକୁମ୍** ଅର୍ଥାତ ଅଲ୍ଲାଃଙ୍କ ନିକଟରେ ଅଧିକ ସମ୍ମାନନୀୟ ସେ ଯେ ଧର୍ମପରାୟଣ ଅଟେ ।

ହଜରତ ମସିହ ମଉଦ ଆ.ସ କୁହନ୍ତି ମୋମିନ୍ କୌଣସି ଅଭାବ ଅନଟନରେ ମଧ୍ୟ ଅଲ୍ଲାଃଙ୍କ ନିକଟରେ ଅଭିଯୋଗ କରିନଥାଏ । ବରଂ ତାହାକୁ ନିଜ ଦୋଷତ୍ରୁଟୀର ପରିଣାମ ମଣି ଅଲ୍ଲାଃଙ୍କଠାରୁ ଦୟା ଓ କୃପା ଭିକ୍ଷା କରିଥାଏ । ଯେତେବେଳେ ସେହି ଦୁଃଖଦ ଅବସ୍ଥା ଅତିବାହିତ ହୋଇଯାଏ ଏବଂ ତାହାର ଦୁଆ ଫଳ ଆଣିଥାଏ ସେତେବେଳେ ସେ ଉକ୍ତ ଅବସ୍ଥାକୁ ଭୁଲିଯାଇନଥାଏ ବରଂ ମନେରଖିଥାଏ । ଆପଣ କୁହନ୍ତି ଯେ ଧର୍ମପରାୟଣ ଅଲ୍ଲାଃତାଲା ତାହାର ପକ୍ଷପାତ ଓ ସାହାଯ୍ୟ ନିମନ୍ତେ ଛିଡ଼ା ହୋଇଥାନ୍ତି । କେବଳ ଏହିଥିରେ ଖୁସି ହୋଇଯିବା ଉଚିତ୍ ନୁହେଁ କି ଆମେ ଜମାଅତରେ ଅନ୍ତର୍ଭୁକ୍ତ ହୋଇଯାଇଛେ । ଅଲ୍ଲାଃଙ୍କ ସାନିଧ୍ୟ ଓ ସାହାଯ୍ୟ ସେତେବେଳେ ହାସଲ ହୋଇଥାଏ ଯେତେବେଳେ ପ୍ରକୃତ ଧର୍ମନିଷ୍ଠ ଓ ପୁଣ୍ୟକର୍ମ ସମ୍ପାଦନ କରିବ । **ଅଲ୍ଲାଃତାଲା ମଧ୍ୟ ମଣିଷର ଅମଲର ହିସାବ ରଖୁଛନ୍ତି । ତେଣୁ ମଣିଷକୁ ଆବଶ୍ୟକ କି ନିଜ ନିତିଦିନିଆ କାର୍ଯ୍ୟକଳାପକୁ ଲିପିବଦ୍ଧ କରି ତାହାର ଅନୁଧ୍ୟାନ କରୁ କି ସେ ପୁଣ୍ୟକର୍ମ ସମ୍ପାଦନ କରିବାରେ କିଭଳି ଅଗ୍ରସର ରହିଛି ।**

ହଜୁର ଅନଓ୍ୱର ଅ.ବ କହିଲେ– ଅଲ୍ଲାଃତାଲା ଆମ୍ଭକୁ ଏହି ରମଜାନରେ ଧର୍ମନିଷ୍ଠତାର ସହିତ ରୋଜା ରଖିବାକୁ ଓ ଉପାସନା ତଥା ଅନ୍ୟାନ୍ୟ କର୍ତବ୍ୟ ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ପ୍ରତ୍ୟେକ ଦିଗରୁ ଜମାଅତ ଓ ସମସ୍ତ ମୁସଲମାନମାନଙ୍କ ପାଇଁ ଏହି ରମଜାନ ବାବରକତ୍ ସାବ୍ୟସ୍ତ ହେଉ । ବିଶେଷ କରି ବିଶ୍ୱବାସୀଙ୍କ ପାଇଁ ମଧ୍ୟ ଦୁଆ କରିବେ । ପାକିସ୍ତାନରେ ଜମାଅତର ଅବସ୍ଥା ଯେଉଁଭଳି ଦିନକୁଦିନ କଷ୍ଟକର ହୋଇଚାଲିଛି ସେମାନଙ୍କ ଉପରେ ଅଲ୍ଲାଃଙ୍କର କୃପା ବର୍ଷଣ ହେବା ନିମନ୍ତେ ମଧ୍ୟ ଦୁଆ କରିବେ । ଯେଉଁସ୍ଥଳେ ରୋଜା ରଖିବାର କର୍ତବ୍ୟ ସମ୍ପାଦନ କରିବା ସେଠାରେ ଧର୍ମନିଷ୍ଠ ହେବାକୁ ଓ ତାହାର କର୍ତବ୍ୟ ସମ୍ପାଦନ କରିବାକୁ ଚେଷ୍ଟା କରିବା । ଦୁଆ କରିବା ପ୍ରତି ଧ୍ୟାନ ଦେବେ ଏହିପରି ଅଲ୍ଲାଃତାଲା ମୁସଲମାନମାନଙ୍କ ଉପରେ ଦୟା କରନ୍ତୁ ସେମାନଙ୍କ ନେତୃବୃନ୍ଦ ଓ ମୌଲବିମାନଙ୍କୁ ସତ୍‌ବୁଦ୍ଧି ପ୍ରଦାନ କରନ୍ତୁ ଯଦ୍ୱାରା ସେମାନେ ଯୁଗାବତାରଙ୍କୁ ସ୍ୱୀକାର କରିବେ । ପୃଥିବୀବାସୀ ବିଶ୍ୱଯୁଦ୍ଧ ଆଡ଼କୁ ଯେଉଁଭଳି ତିବ୍ର ବେଗରେ ଆଗକୁ ବଢିଚାଲିଛି ସେଥିରେ କୌଣସି ବାଧକ ସାଜିଲା ପରି କେହି ଦୃଶ୍ୟମାନ ହେଉ ନାହାନ୍ତି । ତେଣୁ ଅଲ୍ଲାଃ ମୁସଲମାନମାନଙ୍କୁ ଓ ଅହେମଦିମାନଙ୍କୁ ଯୁଦ୍ଧର ପ୍ରଭାବରୁ ରକ୍ଷା କରନ୍ତୁ ଏବଂ ସାଧାରଣରେ ସମସ୍ତ ମାନବ ଜାତିକୁ ତାହାର ପ୍ରଭାବରୁ ରକ୍ଷା କରନ୍ତୁ । ଯଦି ବର୍ତମାନ ମଧ୍ୟ ଅଲ୍ଲାଃଙ୍କ ନିକଟରେ ସେମାନଙ୍କ ସୁଧାର ସମ୍ଭବପର ଏବଂ କୌଣସି ମାଧ୍ୟମ ଥାଏ ଏବଂ ସେମାନେ ଅଲ୍ଲାଃଙ୍କୁ ଚିହ୍ନିବାର କୌଣସି ବାଟଥାଏ ତେବେ ଅଲ୍ଲାଃତାଲା ତାହାର ବ୍ୟବସ୍ଥା କରିଦିଅନ୍ତୁ ଏବଂ ସେମାନେ ନିଜକୁ ଧ୍ୱଂସ କରିବାରୁ ରକ୍ଷା କରିନିଅନ୍ତୁ ।

Khulasa Khutba Juma Huzoor Anwar a.b.a

18th May 2018